ବିଶ୍ୱନାଥ ଆଚାରୀ

ବନାମ

କନକସବପଥୀ

ଜୁଲାଇ 26, 2005

[ଅରିଜିତ୍ ପାଶାୟତ୍ ଏବଂ ଏଚ୍. କେ. ସେମା, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ କାର୍ଯ୍ୟବିଧି ସଂହିତା,1908-- ଧାରା 100 (4)-- ଦ୍ୱିତୀୟ ଆବେଦନ- ଏହି ଆଧାରରେ ଖାରଜ ହୋଇଛି ଯେ ଜବର ଦଖଲ ବିଷୟରେ ପ୍ରଥମ ଅପିଲୀୟ  ନ୍ୟାୟାଳୟ ଦ୍ୱାରା ନଥିଭୁକ୍ତ କରାଯାଇଥିବା ସିଦ୍ଧାନ୍ତକୁ ବିରୋଧ କରାଯାଇ ନାହିଁ--ଏହାର ସଠିକତା-- ନିର୍ଣ୍ଣୟ ହୋଇଛି: ବିଧିଗତ ପ୍ରଶ୍ନ ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ ହୋଇଥିଲା -- ତେବେ, କୌଣସି ପରିଣାମ ବିନା ଯେହେତୁ ବୈଚାରିକ ଅଦାଲତ ଜବର ଦଖଲ ବିଷୟରେ କୌଣସି ପ୍ରସଙ୍ଗକୁ ଉଲ୍ଲେଖ କରିନଥିଲେ ତେଣୁ, ଉଲ୍ଲେଖ କରାନଯାଇଥିବା ପ୍ରସଙ୍ଗରେ ପ୍ରଥମ ଅପିଲୀୟ ନ୍ୟାୟାଳୟ ନିଷ୍ପତ୍ତି ନେବା ନ୍ୟାୟସଙ୍ଗତ ନଥିଲା-- ଅଧିକନ୍ତୁ, ଅପିଲୀୟ  ନ୍ୟାୟାଳୟର, ବୈଚାରିକ ଅଦାଲତ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରସଙ୍ଗ ବ୍ୟତୀତ ଅନ୍ୟ ପ୍ରସଙ୍ଗ ପ୍ରସ୍ତୁତ କରିବାର କ୍ଷମତା ଅଛି, ଯାହା ପ୍ରତିବାଦୀକୁ ପ୍ରମାଣ ଉପସ୍ଥାପନ କରିବାକୁ ସୁଯୋଗ ଦେଇ ବିଚାର ପାଇଁ ପଠାଯାଏ -- ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରାଯାଇଛି ଏବଂ ମାମଲାକୁ ଫେରାଇ ଦିଆଯାଇଛି-- ଧାରା 107*

ବୈଚାରିକ ଅଦାଲତ, ଉତ୍ତରଦାତାଙ୍କ ଦ୍ୱାରା ସମ୍ପତ୍ତିର ମାଲିକାନା ଘୋଷଣା ପାଇଁ ମକଦ୍ଦମାକୁ ଖାରଜ କରିଦେଇଥିଲେ । ତେବେ, ପ୍ରଥମ ଅପିଲୀୟ ନ୍ୟାୟାଳୟ ଏହି ଆବେଦନକୁ ମଞ୍ଜୁର କରିଥିଲେ ଏବଂ ଜବର ଦଖଲ ଦ୍ୱାରା ମାଲିକାନା ପ୍ରଦାନ କରିଥିଲେ । କ୍ଷତିଗ୍ରସ୍ତ ଆବେଦନକାରୀ ପରେ ଦ୍ୱିତୀୟ ଆବେଦନ ଦାଖଲ କରିଥିଲେ ଯାହା ଏହି ଆଧାରରେ ଖାରଜ ହୋଇଥିଲା ଯେ ଜବର ଦଖଲ ସମ୍ବନ୍ଧରେ କୌଣସି ତଥ୍ୟକୁ ବିରୋଧ କରାଯାଇନଥିଲା । ତେଣୁ ବର୍ତ୍ତମାନର ଏହି ଆବେଦନ ।

ଏହି ଆବେଦନକୁ ସମାଧାନ କରି, ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ:

ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେବାରେ ଭୁଲ କରିଛନ୍ତି ଯେ, ଜବର ଦଖଲ ସମ୍ବନ୍ଧୀୟ ସିଦ୍ଧାନ୍ତରେ ଦ୍ୱିତୀୟ ଆବେଦନରେ ଆବେଦନକାରୀଙ୍କ ଦ୍ୱାରା କୌଣସି ଆପତ୍ତି କରାଯାଇନଥିଲା । ବାସ୍ତବରେ, ଦେୱାନୀ କାର୍ଯ୍ୟବିଧି ସଂହିତା, 1908 ର ଧାରା 100 (4) ଅଧୀନରେ, ଆବଶ୍ୟକ ଅନୁଯାୟୀ ଏହି ପ୍ରସଙ୍ଗରେ ବିଧିଗତ ପ୍ରଶ୍ନ ପ୍ରସ୍ତୁତ କରାଯାଇଥିଲା । ଏକ ପ୍ରଶ୍ନ ମଧ୍ୟ ପ୍ରସ୍ତୁତ କରାଯାଇଥିଲା ଅର୍ଥାତ୍ ନିମ୍ନ ଅପିଲୀୟ ନ୍ୟାୟାଳୟ, ବୈଚାରିକ ଅଦାଲତ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରସଙ୍ଗ ବ୍ୟତୀତ ଅନ୍ୟ ପ୍ରସଙ୍ଗଗୁଡ଼ିକର ମୁକାବିଲା କରିବାରେ ଏବଂ ପ୍ରତିବାଦୀଙ୍କୁ, ବାଦୀଙ୍କ ପ୍ରମାଣକୁ ଖଣ୍ଡନ କରିବାର ସୁଯୋଗରୁ ବଞ୍ଚିତ କରି ବାଦୀଙ୍କ ସପକ୍ଷରେ ନିଷ୍ପତ୍ତି ନେବା, ନ୍ୟାୟସଙ୍ଗତ କି । ଉଚ୍ଚ ନ୍ୟାୟାଳୟ ମତ ଦେଇଛନ୍ତି ଯେ ଜବର ଦଖଲ ପ୍ରସଙ୍ଗରେ କୌଣସି ପ୍ରତ୍ୟକ୍ଷ ସୁରାକ ନାହିଁ । କିନ୍ତୁ ଏହାର ପ୍ରକୃତରେ କୌଣସି ପ୍ରଭାବ ନାହିଁ ଯେତେବେଳେ ଏହା ସ୍ପଷ୍ଟ ଭାବରେ କୁହାଯାଇଛି ଯେ ବୈଚାରିକ ଅଦାଲତ ଜବର ଦଖଲ ସମ୍ବନ୍ଧୀୟ କୌଣସି ପ୍ରସଙ୍ଗ ନିର୍ଦ୍ଦିଷ୍ଟ ଭାବରେ ପ୍ରସ୍ତୁତ କରିନାହାଁନ୍ତି ଏବଂ ଏହିପରି ନିମ୍ନ ଅପିଲୀୟ ନ୍ୟାୟାଳୟରେ,

ଯେଉଁ ପ୍ରସଙ୍ଗଗୁଡିକ ପ୍ରସ୍ତୁତ କରାଯାଇ ନଥିଲା, ତାହା ନିଷ୍ପତ୍ତି ନେବାରେ ନ୍ୟାୟସଙ୍ଗତ ନଥିଲେ । ତେବେ, ସିପିସିର ଧାରା 107 ଅନୁଯାୟୀ, ବୈଚାରିକ ଅଦାଲତ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରସଙ୍ଗ ବ୍ୟତୀତ ଅନ୍ୟ ପ୍ରସଙ୍ଗ ପ୍ରସ୍ତୁତ କରିବାର କ୍ଷମତା ଅପିଲୀୟ ନ୍ୟାୟାଳୟଙ୍କ ପାଖରେ ରହିଛି । କିନ୍ତୁ ଏଠାରେ ପୁନର୍ବାର ଆବଶ୍ୟକତା ହେଉଛି, ସେମାନଙ୍କୁ ବିଚାର ପାଇଁ ପଠାଇବା ଏବଂ ଫଳସ୍ୱରୂପ, ପ୍ରତିବାଦୀ ସେହି ପ୍ରସଙ୍ଗରେ ପ୍ରମାଣ ଦାଖଲ କରିବାକୁ ଏକ ସୁଯୋଗ ପାଇବେ । ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ବାତିଲ କରାଯାଇଛି ଏବଂ ଏହି ମାମଲାକୁ ପୁନର୍ବିଚାର ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଛି ।

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 3398/2000

ତା 6.7.95 ରିଖରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଏସ୍. ଏ. ସଂଖ୍ୟା 663/1995 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ସପକ୍ଷରେ ବାଲାଜୀ ଶ୍ରୀନିବାସନ୍ ଏବଂ ଏସ୍. ଶ୍ରୀନିବାସନ୍ ଆବେଦନକାରୀଙ୍କ ପାଇଁ ।

ଶ୍ରୀମତୀ କେ. ଶାରଦା ଦେବୀ, (ଏନପି) ଉତ୍ତରଦାତାଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଅରିଜିତ୍ ପାସାୟତଙ୍କ** ଦ୍ୱାରା । ଏହି ଆବେଦନରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର ଜଣେ ବିଦ୍ୱାନ ଏକକ ବିଚାରପତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାୟ ବିରୁଦ୍ଧରେ ନିର୍ଦ୍ଦେଶ ଦିଆଯାଇଛି, ଯେଉଁଥିରେ, ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଦ୍ୱିତୀୟ ଆବେଦନକୁ ଏହି ଆଧାରରେ ଖାରଜ କରି ଦିଆଯାଇଛି ଯେ ଜବର ଦଖଲ ବିଷୟରେ ପ୍ରଥମ ଅପିଲୀୟ ନ୍ୟାୟାଳୟ ଦ୍ୱାରା ନଥିଭୁକ୍ତ କରାଯାଇଥିବା ତଥ୍ୟରେ କୌଣସି ଆପତ୍ତି କରାଯାଇନଥିଲା ।

ବାସ୍ତବ ଦିଗଗୁଡ଼ିକ ଉପରେ ଏକ ସଂକ୍ଷିପ୍ତ ସନ୍ଦର୍ଭ ଯଥେଷ୍ଟ ହେବ ।

ଉତ୍ତରଦାତାମାନଙ୍କ ଦ୍ୱାରା ମାଲିକାନା ଘୋଷଣା ପାଇଁ ଏକ ମକଦ୍ଦମା ଦାୟର କରାଯାଇଥିଲା, ଏବଂ ମକଦ୍ଦମାକୁ ଓ. ଏସ୍. ସଂଖ୍ୟା 59/88 ଭାବରେ ସଂଖ୍ୟାକିତ କରାଯାଇଥିଲା ।ପ୍ରତିବାଦୀ ଥିବା ଆବେଦନକାରୀଙ୍କ ଦ୍ୱାରା ଲିଖିତ ବିବୃତି ଦାଖଲ କରାଯାଇଥିଲା । ବୈଚାରିକ ଅଦାଲତ ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକୁ ପ୍ରସ୍ତୁତ କରିଥିଲେ:

(a) ବିବାଦୀୟ ସମ୍ପତ୍ତି ଅଭିଯୋଗକାରୀଙ୍କର କି?

(b) ଏହି ମକଦ୍ଦମା ଗ୍ରହଣ ଯୋଗ୍ୟ କି?

(c) ବାଦୀ କେଉଁ ପ୍ରତିକାର/ଆଶ୍ୱସ୍ତି ପାଇବାକୁ ହକଦାର?

ବୈଚାରିକ ଅଦାଲତ ଏହି ମକଦ୍ଦମାକୁ ଖାରଜ କରିଦେଇଛନ୍ତି । ବାଦୀ (ଏଠାରେ ବାଦୀ) ଏକ ଆବେଦନ ଆଗତ କରିଥିଲେ ଏବଂ ତା 11.9.1991 ରିଖର ରାୟ ଏବଂ ଆଦେଶ ଦ୍ୱାରା ବିଦ୍ୱାନ ଅତିରିକ୍ତ ଜିଲ୍ଲା ବିଚାରପତି, ରାମନାଦ, ମଦୁରାଇ ଆବେଦନକୁ ଅନୁମତି ଦେଇଥିଲେ । ପ୍ରଥମ ଅପିଲୀୟ ନ୍ୟାୟାଳୟର ଏକ ପ୍ରମୁଖ ସିଦ୍ଧାନ୍ତ ଥିଲା

ଯେ ବାଦୀ ଜବର ଦଖଲ ଦ୍ୱାରା ମାଲିକାନା ଅଧିକାର ପାଇଥିଲେ । ଆବେଦନକାରୀ ଏହି ଆଭିମୁଖ୍ୟ ଗ୍ରହଣ କରି ଦ୍ୱିତୀୟ ଆବେଦନ ଦାଖଲ କରିଥିଲେ ଯେ ବୈଚାରିକ ଅଦାଲତ ଦ୍ୱାରା ଏପରି କୌଣସି ପ୍ରସଙ୍ଗ ପ୍ରସ୍ତୁତ କରାଯାଇ ନଥିଲା, ତେଣୁ, ପ୍ରତିବାଦୀଙ୍କ ପାଖରେ ଏହି ପ୍ରଶ୍ନ ଉପରେ ପ୍ରମାଣ ଦାଖଲ କରିବାର କୌଣସି ସୁଯୋଗ ନଥିଲା । ଉଚ୍ଚ ନ୍ୟାୟାଳୟ ଏହିପରି ଉଲ୍ଲେଖ କରି କହିଥିଲେ, ଦ୍ୱିତୀୟ ଆବେଦନକୁ ସଂକ୍ଷିପ୍ତରେ ଏହି ଆଧାରରେ ଖାରଜ କରାଯାଇଛି ଯେ ଜବର ଦଖଲ ସମ୍ବନ୍ଧରେ ପ୍ରଥମ ଅପିଲୀୟ ନ୍ୟାୟାଳୟଙ୍କ ପର୍ଯ୍ୟବେକ୍ଷଣ ଉପରେ ପ୍ରଶ୍ନ ଉଠାଯାଇ ନଥିଲା ଏବଂ ଦ୍ୱିତୀୟ ଆବେଦନରେ କୌଣସି ଆଧାର ନିଆଯାଇନଥିଲା ।

ନୋଟିସ୍ ସତ୍ତ୍ୱେ ଉତ୍ତରଦାତାଙ୍କ ତରଫରୁ କେହି ହାଜର ହୋଇନାହାନ୍ତି ।

ବିଦ୍ୱାନ ଓକିଲ ଦର୍ଶାଇଛନ୍ତି ଯେ ଜବର ଦଖଲ ସମ୍ବନ୍ଧୀୟ ଅନୁସନ୍ଧାନକୁ କୌଣସି ଆପତ୍ତି କରାଯାଇନଥିଲା ବୋଲି ଦର୍ଶାଇ ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବରେ ଭୁଲ କରିଛନ୍ତି । ଏ ସଂକ୍ରାନ୍ତରେ ସେ ଆବେଦନର ପ୍ରାର୍ଥନାପତ୍ରକୁ ଉଲ୍ଲେଖ କରିଛନ୍ତି ।

ଆମେ ପାଇଛୁ ଯେ ଜବର ଦଖଲ ସମ୍ବନ୍ଧୀୟ ସିଦ୍ଧାନ୍ତକୁ ଦ୍ୱିତୀୟ ଆବେଦନରେ, ଆବେଦନକାରୀଙ୍କ ଦ୍ୱାରା କୌଣସି ଆପତ୍ତି କରାଯାଇନଥିବାର ନିର୍ଣ୍ଣୟରେ ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭୁଲ କରିଛନ୍ତି । ବାସ୍ତବରେ, ଦେୱାନୀ କାର୍ଯ୍ୟବିଧି ସଂହିତା, 1908 (ସଂକ୍ଷେପରେ 'ସିପିସି') ର ଧାରା 100 (4) ଅନୁଯାୟୀ ଏହି ପ୍ରସଙ୍ଗରେ ଆବଶ୍ୟକ ବିଧିଗତ ପ୍ରଶ୍ନ ପ୍ରସ୍ତୁତ କରାଯାଇଥିଲା ।

ଆବେଦନର ପ୍ରାର୍ଥନାପତ୍ରରୁ ଏହା ଜଣାପଡ଼େ ଯେ କାରଣ ସଂଖ୍ୟା 8 ରେ ଏହାକୁ ନିମ୍ନମତେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇଥିଲା:

> "ନିମ୍ନରେ ଥିବା ଅପିଲୀୟ ନ୍ୟାୟାଳୟ, ବୈଚାରିକ ଅଦାଲତ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରସଙ୍ଗ ବ୍ୟତୀତ ଆବେଦନକାରୀଙ୍କୁ ଅବୈଧତା ଏବଂ ଦୁର୍ବଳତା, ଯାହାକୁ ଏଠାରେ ଯୋଡ଼ା ଯାଇଛି, ବ୍ୟତୀତ ନୂତନ ପ୍ରସଙ୍ଗରେ ପ୍ରମାଣ ଏବଂ ଦସ୍ତାବିଜ ଦାଖଲ କରିବାକୁ ବଞ୍ଚିତ କରି ଅନ୍ୟ ପ୍ରସଙ୍ଗଗୁଡିକୁ ଉତ୍ତୀର୍ଣ୍ଣ କରିବାରେ ଭୁଲ କରିଥିଲେ ।

ଏକ ପ୍ରଶ୍ନ ମଧ୍ୟ ପ୍ରସ୍ତୁତ କରାଯାଇଥିଲା ଅର୍ଥାତ୍ ନିମ୍ନ ଅପିଲୀୟ ନ୍ୟାୟାଳୟ, ବୈଚାରିକ ଅଦାଲତ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରସଙ୍ଗ ବ୍ୟତୀତ ଅନ୍ୟ ପ୍ରସଙ୍ଗଗୁଡ଼ିକର ମୁକାବିଲା କରିବାରେ ଏବଂ ପ୍ରତିବାଦୀଙ୍କୁ, ବାଦୀଙ୍କ ପ୍ରମାଣକୁ ବିରୋଧ କରିବାର ସୁଯୋଗରୁ ବଞ୍ଚିତ କରି, ବାଦୀଙ୍କ ସପକ୍ଷରେ ନିଷ୍ପତ୍ତି ନେବା, ନ୍ୟାୟସଙ୍ଗତ କି । ଏହା ସ୍ପଷ୍ଟ ଭାବେ କୁହାଯାଇଛି ଯେ ଜବର ଦଖଲକୁ ନେଇ କୌଣସି ପ୍ରସଙ୍ଗ ପ୍ରସ୍ତୁତ କରାଯାଇ ନାହିଁ । ଯେଉଁସବୁ ପ୍ରସଙ୍ଗ ପ୍ରସ୍ତୁତ ହୋଇନଥିଲା, ସେଗୁଡ଼ିକର ନିଷ୍ପତ୍ତି ନେବାରେ ନିମ୍ନ ଅପିଲୀୟ ନ୍ୟାୟାଳୟ ନ୍ୟାୟସଙ୍ଗତ ନଥିଲେ । ଜବର ଦଖଲ ପ୍ରସଙ୍ଗରେ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ମତ ରଖିଥିବା ପରି ମନେହୁଏ । କିନ୍ତୁ ଏହାର ପ୍ରକୃତରେ କୌଣସି ପ୍ରଭାବ ନାହିଁ ଯେତେବେଳେ ଆବେଦନକାରୀଙ୍କ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଥିଲା ଯେ ଜବର ଦଖଲ ସମ୍ବନ୍ଧୀୟ କୌଣସି ପ୍ରସଙ୍ଗ ପ୍ରସ୍ତୁତ କରାଯାଇ ନାହିଁ, ତେଣୁ, ପ୍ରଥମ ଅପିଲୀୟ ନ୍ୟାୟାଳୟ ସେହି ପ୍ରସଙ୍ଗରେ କୌଣସି ସତ୍ୟାସତ୍ୟକୁ ନଥିଭୁକ୍ତ କରିବା ଉଚିତ୍ ନୁହେଁ । ବୈଚାରିକ ଅଦାଲତ ନିର୍ଦ୍ଦିଷ୍ଟ ଭାବରେ ଜବର ଦଖଲ

ସମ୍ବନ୍ଧୀୟ କୌଣସି ପ୍ରସଙ୍ଗ ପ୍ରସ୍ତୁତ କରିନଥିଲେ । ସିପିସିର ଧାରା 107 ଅନୁଯାୟୀ, ବୈଚାରିକ ଅଦାଲତ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରସଙ୍ଗ ବ୍ୟତୀତ ଅନ୍ୟ ପ୍ରସଙ୍ଗ ପ୍ରସ୍ତୁତ କରିବାର କ୍ଷମତା ଅପିଲୀୟ ନ୍ୟାୟାଳୟଙ୍କ ପାଖରେ ରହିଛି । କିନ୍ତୁ ଏଠାରେ ପୁଣିଥରେ ସେମାନଙ୍କୁ ବିଚାର ପାଇଁ ପଠାଇବାର ଆବଶ୍ୟକତା ହେଉଛି । ଫଳସ୍ୱରୂପ, ପ୍ରତିବାଦୀ ସେହି ପ୍ରସଙ୍ଗରେ ପ୍ରମାଣ ଉପସ୍ଥାପନ କରିବାର ସୁଯୋଗ ପାଇଥାଆନ୍ତେ ।

ଉପୋରୋକ୍ତ ସ୍ଥିତିରେ, ଉଚ୍ଚ ନ୍ୟାୟାଳୟର ସିଦ୍ଧାନ୍ତ ସଠିକ୍ ବୋଲି ଜଣାପଡୁ ନାହିଁ, ଏହି ରାୟକୁ ଗ୍ରହଣ କରାଯାଇ ପାରିବ ନାହିଁ ଏବଂ ସେହି ଅନୁଯାୟୀ ବାତିଲ କରାଗଲା । ଏହି ମାମଲାକୁ ନୂଆ ବିଚାର ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଛି । ଏହା ସ୍ପଷ୍ଟ କରାଯାଇଛି ଯେ ମାମଲାର ଗୁଣବତ୍ତା ଉପରେ ଆମେ କୌଣସି ମତ ପ୍ରକାଶ କରିନାହୁଁ ।

ସେହି ଅନୁଯାୟୀ, ଖର୍ଚ୍ଚ ବାବଦରେ କୌଣସି ଆଦେଶ ବିନା, ଆବେଦନକୁ ସମାଧାନ କରାଯାଇଛି ।

ଏନ୍. ଜେ. ଆବେଦନକୁ ନିକାସ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**
ଶ୍ରୀ ଜଟାଧାରୀ ସେଠୀ
ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।